୧୦ ବର୍ଷରେ...

# ମାଧ୍ୟମ

## ମହିଳା ସହଯୋଗ କେନ୍ଦ୍ର

10 Years Update Vol. X September 2014 - August 2024



**Sanjeeb Panda, IPS**
Commissioner of Police
Bhubaneswar-Cuttack

Commissionerate Police Headquarters
Bidyut Marg, Unit-V
Bhubaneswar - 751001, Odisha
Tele (O) : 0674 - 2530035
Email: commissioneratepolice@nic.in

## ବାର୍ତ୍ତା

ଭୁବନେଶ୍ୱର-କଟକ ଦ୍ୱୈତ ନଗରୀ ଆରକ୍ଷୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଇନ୍‌ଷ୍ଟିଚ୍ୟୁଟ୍ ଫର ସୋସିଆଲ ଡେଭଲପ୍‌ମେଣ୍ଟ' (ଆଇ.ଏସ୍.ଡି)ର ମିଳିତ ସହଯୋଗରେ ଆରମ୍ଭ ହୋଇଥିବା 'ମାଧ୍ୟମ' ଏକ ଭିନ୍ନ ପରିକଳ୍ପନା ମାତ୍ର। ଏହି ସହଯୋଗ କେନ୍ଦ୍ରଟି ଦଶମ ବର୍ଷରେ ପଦାର୍ପଣ କରିଅଛି। ଏହି ଅବସରରେ ଆଇ.ଏସ୍.ଡି ଓ 'ମାଧ୍ୟମ'ର ସମସ୍ତ କର୍ମକର୍ତ୍ତାମାନଙ୍କୁ ସେମାନଙ୍କର ସେବାମୂଳକ କାମ ପାଇଁ ମୋର ଆନ୍ତରିକ ଅଭିନନ୍ଦନ।

ବିଭିନ୍ନ ସମୟରେ ମହିଳାମାନେ ଘରୋଇ ହିଂସାରେ ପୀଡ଼ିତ ହୋଇ ଥାନାର ଦ୍ୱାରସ୍ଥ ହେଲେ, ମୋକଦ୍ଦମା ରୁଜୁ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ। କିନ୍ତୁ ଏହା ପୂର୍ବରୁ ଆଲୋଚନା ଓ ପରାମର୍ଶ ଦ୍ୱାରା ପରିସ୍ଥିତିର ଆପୋଷ ସମାଧାନ ପାଇଁ ଚେଷ୍ଟା କରାଯିବା ଉଚିତ୍। ଏଥିପାଇଁ 'ମାଧ୍ୟମ' ଦ୍ୱାରା କରାଯାଉଥିବା ଉଦ୍ୟମ ଅତ୍ୟନ୍ତ ପ୍ରଶଂସନୀୟ।

ବିଗତ ଦଶ ବର୍ଷ ମଧ୍ୟରେ 'ମାଧ୍ୟମ' ଅନେକ ଭାଙ୍ଗିଯାଉଥିବା ଘରକୁ ଯୋଡ଼ିବାର ପ୍ରୟାସ କରିଛି ଓ ଅନେକାଂଶରେ ସଫଳତା ମଧ୍ୟ ପାଇଛି। ପୀଡ଼ିତାମାନଙ୍କୁ ପରାମର୍ଶ, ଡାକ୍ତରୀ ସୁବିଧା, ଆଇନ ସହାୟତା ଓ ଆର୍ଥିକ ଭାବେ ସ୍ୱାବଲମ୍ବୀ କରାଇବା ପାଇଁ ଏହି କେନ୍ଦ୍ରଟି ନିରବଚ୍ଛିନ୍ନ ଭାବେ ଚେଷ୍ଟିତ।

'ମାଧ୍ୟମ'ର ସଫଳତା ପାଇଁ ମୁଁ ପୁଣିଥରେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି।

ଆରକ୍ଷୀ ଆୟୁକ୍ତ
ଭୁବନେଶ୍ୱର-କଟକ






## ସମ୍ପାଦକୀୟ.......

**ଶୁଭଶ୍ରୀ ଦାସ**, ନିର୍ଦ୍ଦେଶିକା
ଇନଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ଡେଭଲପ୍‌ମେଣ୍ଟ (ଆଇ.ଏସ୍.ଡି)

# ୧୦ ବର୍ଷରେ ମହିଳା ସହଯୋଗ କେନ୍ଦ୍ର - ମାଧ୍ୟମ

'ମାଧ୍ୟମ' ମହିଳା ସହଯୋଗ କେନ୍ଦ୍ରକୁ ଏବେ ୧୦ ବର୍ଷ ପୂରିଲା । ଇନଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ଡେଭଲପ୍‌ମେ ଓ କମିଶନରେଟ୍ ପୋଲିସର ମିଳିତ ସହଯୋଗରେ ହାତକୁ ନିଆଯାଇଥିବା ଏହି କାର୍ଯ୍ୟକ୍ରମ ଏବେ ସଫଳତାର ଶୀର୍ଷରେ ପହଁ ପାରିଛି । ଆମେ ଖୁସି ଯେ, ଆମେ ଭାଙ୍ଗି ଯାଉଥିବା ଅନେକ ସଂସାରକୁ ପୁଣି ଥରେ ଯୋଡିବାର ପ୍ରୟାସ ଜାରି ରଖିଛୁ । ବିଗତ ୧୦ ବର୍ଷ ମଧ୍ୟରେ 'ମାଧ୍ୟମ' କୁ ଯେତେ ସବୁ ମହିଳା ହିଂସା ସମ୍ବନ୍ଧୀୟ ଅଭିଯୋଗ ଆସିଛି ଦେଖାଯାଇଛି ପାରିବାରିକ ହିଂସା ବା Domestic Violence ଏକ ଅଗ୍ରହଣୀୟ ଏବଂ ବ୍ୟାପକ ହିଂସା । ପାରିବାରିକ ହିଂସାର ଶୀକାର ଅଧିକାଂଶ ମହିଳାମାନେ ହୋଇଥିବା ବେଳେ ଏହି ସବୁ ଘଟଣା ପରିବାରରେ ରହୁଥିବା ଅନ୍ୟ ସଦସ୍ୟମାନେ ଯଥା- ଛୋଟ ପିଲା ଓ ବୟସ୍କଲୋକଙ୍କୁ ଅଧିକ ମାତ୍ରାରେ ପ୍ରଭାବିତ କରୁଛି । ସାମାନ୍ୟତମ ଭୁଲବୁଝାମଣା, ପରସ୍ପରଙ୍କୁ ସନ୍ଦେହ କରିବା ଜଣେ ଜଣକୁ ସମ୍ମାନ ନ ଦେବା ଆଦି ଘରଟିଏ ଭାଙ୍ଗିଯିବାରେ ବିଶେଷ ଭୂମିକା ତୁଲାଇଛି । ଭାଙ୍ଗିଯାଉଥିବା ସଂସାରକୁ ପୁଣି ଯୋଡିବା ଯଦିବା ଏକ କଷ୍ଟକର ବ୍ୟାପାର ତଥାପି ଆମେ ଚେଷ୍ଟାକରି ଦୁଇ ପରିବାରକୁ ଯୋଡିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛୁ । ବିଗତ ୧୦ ବର୍ଷ ମଧ୍ୟରେ ମାଧ୍ୟମରେ ମୋଟ ପଞ୍ଜିକୃତ ୪୩୯୨ ଅଭିଯୋଗ ମଧ୍ୟରୁ ୨୭୭୯ ଜଣଙ୍କର ଅଭିଯୋଗର ସମାଧାନ ହୋଇପାରିଛି । ବିସ୍ତୃତ ତଥ୍ୟ ଆପଣମାନେ ଏହି ଅପଡେଟ୍‌ରୁ ପାଇପାରିବେ । ଆପଣମାନେ ଯଦି ୨୦୧୪ରୁ ୨୦୨୪ ଭିତରେ ଏହାର ପରିସଂଖ୍ୟାନ ଦେଖିବେ, ନିଶ୍ଚିତ ଭାବେ ଅଭିଯୋଗ ସଂଖ୍ୟା ବଢିଛି । ଏହା କେବଳ ହୋଇପାରିଛି ଯେ ମହିଳାମାନେ ଏବେ ନିଜ ନିଜର ଅସୁବିଧା ବା ସମସ୍ୟା ନିଃସଂକୋଚରେ ଆସି କହିବା ଆରମ୍ଭ କଲେଣି । କାର୍ଯ୍ୟରତ ପରାମର୍ଶ ଦାତ୍ରୀମାନେ ନିରବଚ୍ଛିନ୍ନ ଭାବେ ତାଙ୍କର ସେବା ଯୋଗାଇ ଦେଇ ଆସୁଛନ୍ତି । ଯେଉଁଠି ଦରକାର ପଡୁଛି ସେମାନେ ସଠିକ ତଥ୍ୟ ଓ ସମସ୍ୟାର ସମାଧାନର ପରର ସ୍ଥିତି ଜାଣିବା ପାଇଁ ଗୃହ ପରିଦର୍ଶନ ମଧ୍ୟ କରୁଛନ୍ତି । ଅନେକ ଲୋକଙ୍କର ଧାରଣା ଅଭିଯୋଗଟିଏ ପଞ୍ଜିକୃତ ହୋଇଗଲେ ତା ସଙ୍ଗେସଙ୍ଗେ ସମାଧାନ ହୋଇଯିବ । ମୁଁ ଏଠି କହିବାକୁ ଚାହେଁ କାଉନସେଲିଂ ଏକ ଲମ୍ବା ପ୍ରକ୍ରିୟା । ଏହାକୁ ବିଭିନ୍ନ ସ୍ତର ଦେଇ ଯିବାକୁ ହୋଇଥାଏ । ବ୍ୟକ୍ତିଗତ, ପରିବାର, ଦରକାର ପଡିଲେ କିଛି ଗୋଷ୍ଠୀଙ୍କୁ ନେଇ କାଉନସେଲିଂ କରାଯାଇ ସମସ୍ୟାର ସମାଧାନ ପାଇଁ ବାଟ ଖୋଜା ଯାଇଥାଏ । ଏସବୁ ସ ଏହି ପ୍ରକ୍ରିୟାରେ ଆମେ ଫେଲ୍ ମାରିଲେ ତେବେ ଯାଇ ପୋଲିସର ସହାୟତା ଲୋଡିଥାଉ । ତେଣୁ ମୁଁ ଆଶା କରୁଛି ଯେଉଁମାନେ 'ମାଧ୍ୟମ' କୁ ଅଭିଯୋଗ ନେଇ ଆସୁଛନ୍ତି ଏହି ପ୍ରକ୍ରିୟାରେ ଆମ ପରାମର୍ଶଦାତ୍ରୀମାନଙ୍କୁ ସହଯୋଗ କରନ୍ତୁ ଏବଂ ବିନା ଖର୍ଚ୍ଚରେ ଆମର ସାହାଯ୍ୟ ନିଅନ୍ତୁ ।

'ମାଧ୍ୟମ'ର ସଫଳତା ପାଇଁ ମୁଁ ପ୍ରଥମେ ଧନ୍ୟବାଦ ଦେବି ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଡଃ. ରାଜେନ୍ଦ୍ର ପ୍ରସଦ ଶର୍ମାଙ୍କୁ, ଯାହାଙ୍କ ଉଦ୍ୟମରେ 'ମାଧ୍ୟମ' ୨୦୧୪ ମସିହା ସେପ୍ଟେମ୍ବର ମାସ ୩ ତାରିଖରେ ଜନ୍ମ ନେଇଥିଲା । ଏହି ଅନୁଷ୍ଠାନ ଏବେ ୧୦ ବର୍ଷ ଧରି ନିରବଚ୍ଛିନ୍ନଭାବେ ମହିଳାମାନଙ୍କୁ ସହଯୋଗ ଦେବାରେ ସଫଳ ଭୂମିକା ନିଭାଇପାରିଛି । ମୁଁ ଧନ୍ୟବାଦ ଦେବି ବର୍ତ୍ତମାନର ପୋଲିସ କମିଶନର ଶ୍ରୀଯୁକ୍ତ ସଂଜୀବ୍ ପଣ୍ଡା, ଶ୍ରୀ ପ୍ରତୀକ୍ ସିଂ, ଡେପୁଟି କମିଶନର, ଭୁବନେଶ୍ୱର ଓ ଶ୍ରୀ ପ୍ରକାଶ ଆର., ଡେପ୍ୟୁଟି କମିଶନର କଟକ ଙ୍କୁ ଯାହାଙ୍କ ସହଯୋଗ ବିନା 'ମାଧ୍ୟମ' କାର୍ଯ୍ୟକରିବା ଅସମ୍ଭବ । ଆମର ପ୍ରତିଟି ଅଭିଯୋଗକୁ ସେମାନେ ତାଙ୍କର ବହୁ ମୂଲ୍ୟ ସମୟ ଦେଇ ସବୁବେଳେ ସହଯୋଗର ହାତ ବଢାଇଥିବାରୁ । ଧନ୍ୟବାଦ ଦେବି କମିଶନରେଟ୍ ପୋଲିସ ଅଧିନରେ କାର୍ଯ୍ୟରତ ସମସ୍ତ ଥାନାର ଭାରପ୍ରାପ୍ତ ଥାନା ଅଧିକାରୀମାନଙ୍କୁ ସେମାନଙ୍କର ସମସ୍ତ ସହଯୋଗ ପାଇଁ । ଶେଷରେ ଧନ୍ୟବାଦ ଦେବି 'ମାଧ୍ୟମ'ରେ କାର୍ଯ୍ୟରତ ପରାମର୍ଶଦାତ୍ରୀମାନଙ୍କୁ ଯେଉଁମାନଙ୍କର ଅକ୍ଳାନ୍ତ ପରିଶ୍ରମ ଅନେକ ଉଜୁଡି ଯାଉଥିବା ସଂସାରକୁ ବାନ୍ଧିରଖିଛି ।

**ଶୁଭଶ୍ରୀ ଦାସ**



**Prateek Singh**
Dy. Commissioner of Police
Bhubaneswar

Dy. Commissioner of Police
Vani Vihar Square
Bhubaneswar- 751022
Ph. : 0674-2540555, Fax : 0674-2540444

# MESSAGE

I am delighted to know that the Institute for Social Development (ISD), Bhubaneswar is bringing out a report of 10 years journey of 'Maadhyam' at Bhubaneswar and Cuttack. Maadhyam centre has proved to be a successful initiative. It has benefited the citizens of Cuttack &Bhubaneswar. The team working in Maadhyam centre is very professional and effective in dealing with all the type of complicated family disputes cases coming to the centre.

I wish the organization all success in future.

**Prateek Singh**
Dy. Commissioner of Police
Bhubaneswar



**Prakash R**
DIGP-Cum-Dy. Commissioner of Police,
Cuttack

Dy. Commissioner of Police , Cuttack
+91-671-23000570 (O), +91-671-2304294 (F)
e-mail: dcpcuttack@nic.in

# MESSAGE

I am extremely delighted to express my gratitude that Maadhyam Women Support Centre is a joint venture of Police Commissionerate, Bhubaneswar-Cuttack and Institute for Social Development (ISD) is completed 10 years of service in its glorious path at Cuttack. The relentless work of the institution for wellbeing of the distress women over the years is highly appreciable. The role of the expert counsellors in reunion of many families is indeed laudable.

I convey my sincere greetings to 'Maadhyam Women Support Centre and ISD' on this occasion.

**Prakash R**
DIGP-Cum-Dy. Commissioner of Police,
Cuttack UPD

# MESSAGES



**ଶ୍ରୀମତୀ ନିବେଦିତା ପଟ୍ଟନାୟକ**
ଅଧ୍ୟକ୍ଷା, ଆଇ.ଏସ୍.ଡି.

ଆଇ.ଏସ୍.ଡି ର କାର୍ଯ୍ୟକ୍ରମ ସାଙ୍ଗରେ ମୁଁ ଅନେକ ଦିନରୁ ଜଡିତ ରହିଛି। ମହିଳାଙ୍କୁ ସବୁକ୍ଷେତ୍ରରେ କିପରି ନ୍ୟାୟ ପ୍ରଦାନ କରାଯାଇପାରିବ ସେଥିପାଇଁ ଗୋଟେ ମହିଳା ଅନୁଷ୍ଠାନ ଭାବରେ ଆଇ.ଏସ୍.ଡି କାର୍ଯ୍ୟ କରିଆସୁଛି। ମହିଳା ଚାଲାଣ. ଏସିଡ ଆକ୍ରମଣ, ବାଲ୍ୟବିବାହ, କାର୍ଯ୍ୟକ୍ଷେତ୍ରରେ ଯୌନଶୋଷଣ, କିଶୋରୀ ବାଳିକାଙ୍କ ଜୀବନଚକ୍ର ଶିକ୍ଷା ଇତ୍ୟାଦି ଉପରେ ଆଇ.ଏସ୍.ଡି କାର୍ଯ୍ୟ କରୁଥିଲେ ବି ଘରୋଇ ହିଂସାରୁ ମହିଳାଙ୍କୁ କିପରି ରକ୍ଷା କରାଯାଇପାରିବ ତା ଉପରେ ଅଧିକ କାର୍ଯ୍ୟକ୍ରମ ଜାରିରହିଛି। କିନ୍ତୁ ସବୁ କାର୍ଯ୍ୟକ୍ରମ ମଧ୍ୟରୁ ପୋଲିସ ସହାଭାଗିତାରେ ଚାଲୁଥିବା ଏହି କାର୍ଯ୍ୟକ୍ରମ ଏବେ ଏକ ମାଇଲଖୁ  ସଦୃଶ୍ୟ। ବିଗତ ୧୦ ବର୍ଷ ମଧ୍ୟରେ ଅନେକ ଗୁଡ଼ିଏ ଉଜୁଡ଼ି ଯାଉଥିବା ସଂସାରକୁ ଏକାଠି କରିବାରେ 'ମାଧ୍ୟମ' ସଫଳ ହୋଇଛି।

ମାଧ୍ୟମ ଗଠନ ହେବା ପରେ ଘରୋଇ ହିଂସା ପୀଡିତା ମହିଳାମାନେ ଅଧିକାଂଶ କ୍ଷେତ୍ରରେ ଥାନାକୁ ନଯାଇ 'ମାଧ୍ୟମ'କୁ ଆସୁଛନ୍ତି। କଟକ, ଭୁବନେଶ୍ୱର ଦ୍ୱୈତନଗରୀରେ ମାଧ୍ୟମ କାମ କରୁଥିଲେ ବି ପାଖ ଆଖ ଜିଲ୍ଲା, ଗାଁ ଗହଳିରୁ ଅନେକ ଘଟଣା ମଧ୍ୟ ମାଧ୍ୟମକୁ ଆସୁଛି। ଅନେକଙ୍କର ଧାରଣା କେବଳ ନିମ୍ନ ବର୍ଗର ମହିଳାମାନେ ଘରୋଇ ହିଂସାର କେସ୍ ଗୁଡିକ ଲୋକ ଲୋଚନକୁ ଆଣିଥାନ୍ତି କିନ୍ତୁ ଆମେ ଯଦି ମାଧ୍ୟମର କେସ ରେକର୍ଡ ଦେଖିବା ଉଚ୍ଚ ମଧ୍ୟବି  ଓ ଉଚ୍ଚ ଶିକ୍ଷିତା ଝିଅ ବା ମହିଳାମାନେ ଅନେକ ମାତ୍ରାରେ ନିଜ ନିଜର ସମସ୍ୟା ନେଇ ଏଠାକୁ ଆସି ସେମାନଙ୍କର ସମସ୍ୟାର ସମାଧାନ କରିଛନ୍ତି। ମୋ ଜାଣିବାରେ ଶତ ପ୍ରତିଶତ ନହେଲେ ବି ୯୫% ଘଟଣାରେ ମାଧ୍ୟମ ସଫଳ ହୋଇଛି। ମୁଁ ନିଜେ ଅନେକ ଘଟଣାରେ ବସିଛି, ଦେଖିଛି ପରାମର୍ଶଦାତ୍ରୀ ମାନଙ୍କର ଅକ୍ଳାନ୍ତ ପରିଶ୍ରମ, ସେମାନେ ଘଟଣାଟିକୁ ପୁରାମାତ୍ରାରେ ସମାଧାନ ନ କରିବା ପର୍ଯ୍ୟନ୍ତ ଛାଡ଼ନ୍ତି ନାହିଁ। ଦୀର୍ଘ ୧୦ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ମାଧ୍ୟମ ତା ଦାୟିତ୍ୱ, କ ର୍ବ୍ୟ ତୁଲାଇ ଚାଲିଛି। ଏହି ୧୦ବର୍ଷରେ ଅନେକ ମହିଳାଙ୍କ ଭାଙ୍ଗିଯାଇଥିବା ସଂସାରକୁ ରକ୍ଷା କରାଯାଇଛି। ଯେଉଁମାନେ ସୁଖରେ ଘର ସଂସାର କରିଛନ୍ତି ସେମାନେ ଯେତେବେଳେ ମାଧ୍ୟମକୁ ଧନ୍ୟବାଦ ଦେଉଛନ୍ତି ମାଧ୍ୟମ ପାଇଁ ସେମାନେ ଜୀବନରେ କଣ ପାଇଛନ୍ତି କହୁଛନ୍ତି ଶୁଣିବାକୁ ବେଶ ଭଲ ଲାଗୁଛି ଆଉ ଆନନ୍ଦିତ ହେଉଛୁ ଏଥିପାଇଁ ଯେ 'ମାଧ୍ୟମ' ଗଠନ ହେବାର ସ୍ୱପ୍ନ ସାର୍ଥକ ହୋଇଛି। 'ମାଧ୍ୟମ'ର ୧୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏଠାରେ କାର୍ଯ୍ୟରତ ସମସ୍ତ କର୍ମକର୍ତ୍ତାମାନଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଜଣାଉଛି।



**Chinteswar Munda**
IIC, Daraghabazar PS
Cuttack

I wanted to take the time to thank you and organisation for the exceptional service and professional courtesies feedback received from the general population. I was especially pleased with the level of attention hard work and sincere dedication towards the aggrieved victims. I was amazed when I look how much patience and resolute attitude shown by the 'Maadhyam Women Support Centre' in particularly Smt. Rosalin Sahoo, counselor doing a commendable job by ensuring and facilitating the victims towards justice and rule of law.

I really appreciate all the help you have given over the years, especially for the victim to rehabilitation and reunion of neglected and distressed women in society with their family. Your restless efforts heal up a major wound as well as abridged the plight of weaker section of society. Congratulations on your admirable successful completion of 10 years of your hard work, perseverance and dedication. Wishing ever more success in the future.

## MESSAGES



**D.K. Biswal**
IIC, Chauliaganj PS

I congratulate the team members of 'Maadhyam' for completing successful 10 years with Commissionerate of Police. It is very much helpful for the violence affected women. I congratulate the expert counsellor of Maadhyam for their contribution as a part of our team members in resolving many violence against women related issues. Once again I wish the organisation for more success and a great time ahead.



**Bhagyashree Swain**
IIC Mahila P.S., Cuttack

I am delighted to know that 'Maadhyam' is completed 10 years of services in commissionerate of Police. I congratulate all the counsellor engaged in this project for their effort to reunion the families. Maadhyam helps in resolving many domestic violence issues and women issues. No words can be expressed the dedication shown by it's counselor. Once again I congratulate Maadhyam for its 10 years of successful journey.



**Omm Prakash Mohanty**
IIC, Jagatpur PS

It is a most welcoming step by the Commissionerate Police, Bhubaneswar-Cuttack, Maadhyam, Women Support Counter is going to complete 10 years on 3rd Sept, 2024. The Maadhyam is Pledged towards reconstruction and stability of constituted in conjugal life. May family discard got settled with counselling. A survivor got relief in warmhearted uses environment within the sphere of criminal justice system.

May many wishes for more great days ahead.



**Reena Mishra**
IIC, Mahila PS, Bhubaneswar

It is truly inspiring to witness the positive impact organizations like 'Maadhyam' have on society. Over the past 10 years, this organization has made significant strides, and I am confident it will continue to do so for many years to come. I extend my heartfelt congratulations to the Maadhyam Women Support Centre for its sincere and dedicated service - it is truly commendable. I also want to congratulate all the staff at Maadhyam for their hard work and commitment in making their mission a success.

# MESSAGES



**Rabindranath Meher**
IIC, Balianta PS

I am extremely pleased to share my joy at the successful collaboration between the Police Commissionerate, BBSR-Cuttack, and the Institute for Social Development (ISD) in establishing the Maadhyam Women Support Centre. This centre serves as a vital counselling resource for resolving marital disputes between couples. Managing and addressing the challenges of these disputes requires exceptional patience and skill, and Maadhyam has excelled in this role. As Maadhyam approaches its 10th anniversary, I extend my heartfelt gratitude and best wishes to the organization and its dedicated members. Their hard work has significantly alleviated the burden on the police. I trust that Maadhyam will continue to serve as a vital social bridge, helping to resolve conflicts and support those in need. Additionally, Maadhyam supports cases involving women and minor children where counselling is needed.



**Neena Nayak**
IIC, UP & TTI

Since its establishment on September 3, 2014, Maadhyam Women Support Centre has been dedicated to assisting women in distress. The committed team has consistently worked to support women who have been victims of violence, striving to improve their lives. Their tireless efforts are widely recognized and admired by the community. I commend the organization for successfully reuniting many families through effective counselling. As Maadhyam celebrates its 10th anniversary, I extend my heartfelt congratulations to the entire team for their noble work and their contribution to making society a better place.



**Sudhansu Bhusan Jena**
IIC, Capital PS

I am writing to extend my heartfelt congratulations to the Maadhyam Women Support Centre on reaching a significant milestone 10 years of dedicated service. Your unwavering commitment to the rehabilitation and support of neglected and distressed women in our society has not gone unnoticed. Through your tireless efforts, you have not only healed wounds but also alleviated the plight of the most vulnerable among us.

Your admirable success is a testament to the hard work and perseverance of everyone involved in the Maadhyam Women Support Centre. As you celebrate this important 10th year anniversary, I wish you continued success in your mission to empower and uplift those in need.



**Samita Mishra**
IIC, Nandankanan PS

Heartfelt congratulations on reaching this significant milestone - ten years of unwavering service! A decade is indeed a long time, and I'm certain Maadhyam will continue its dedicated efforts to care for and uplift others in the years ahead.

Maadhyam truly shines as a beacon of hope for families facing hardships. Whether it's repairing strained relationships or providing crucial support during challenging times, your work is invaluable. The commitment and dedication of Maadhyam's staff and counsellors are irreplaceable.

As a grateful member of society, I extend my heartfelt appreciation to Maadhyam. Your outstanding service has touched countless lives, especially in the realm of marital harmony. May you continue to make a positive impact for many more years to come.

# ସଂକ୍ଷିପ୍ତରେ ମହିଳା ସହଯୋଗ କେନ୍ଦ୍ର "ମାଧ୍ୟମ"

- ଏହା ଏକ ପରାମର୍ଶ କେନ୍ଦ୍ର । ପରିବାର ତଥା ବାହାରେ ବିଭିନ୍ନ ପ୍ରକାର ହିଂସାର ଶିକାର ହେଉଥିବା ମହିଳାମାନଙ୍କୁ ସାମାଜିକ ତଥା ମନସ୍ତାତ୍ତ୍ୱିକ ପରାମର୍ଶ ଦେଇ ସମସ୍ୟାର ସମାଧାନ କରାଇବା ।
- ୩ ସେପ୍ଟେମ୍ବର ୨୦୧୪ ମସିହାରୁ ଭୁବନେଶ୍ୱର ଡି.ସି.ପି ଅଫିସ ଓ କଟକ ମହିଳା ଥାନା ପରିସରରେ ଇନଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ଡେଭଲପମେ (ଆଇ.ଏସ୍.ଡି) ଓ କମିଶନରେଟ ପୋଲିସର ମିଳିତ ଉଦ୍ୟମରେ କାର୍ଯ୍ୟ କରି ଆସୁଛନ୍ତି ।
- ଏହି କେନ୍ଦ୍ର ଦୁଇଟି କଟକ ଓ ଭୁବେଶ୍ୱରରେ ଅବସ୍ଥାପିତ ଦୁଇଜଣ ଡି.ସି.ପିଙ୍କ ପ୍ରତ୍ୟେକ୍ଷ ତ୍ୱାବଧାନରେ କାର୍ଯ୍ୟ କରେ ।
- ପରାମର୍ଶ ପାଇଁ ଆଇ.ଏସ୍.ଡି ତରଫରୁ ପ୍ରତି କେନ୍ଦ୍ରରେ ପରାମର୍ଶଦାତ୍ରୀମାନଙ୍କୁ ନିଯୁକ୍ତି ଦିଆଯାଇଛି ।
- ସୁରକ୍ଷା ଦୃଷ୍ଟିରୁ ପୋଲିସ ବିଭାଗ ତରଫରୁ ୨ ଜଣ କନେଷ୍ଟବଳ ଓ ୨ ଜଣ ମହିଳା ହୋମଗାର୍ଡଙ୍କୁ ନିଯୁକ୍ତି ଦିଆଯାଇଛି ।
- ପରାମର୍ଶ ମାଧ୍ୟମରେ ମହିଳାମାନଙ୍କୁ ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ ନିମନ୍ତେ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଥାଏ ।
- ଯଦି ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ହୋଇ ନପାରେ ତେବେ କୋର୍ଟ ଓ ଥାନାର ସାହାର୍ଯ୍ୟ ନେବା ଦିଗରେ ସେମାନଙ୍କୁ ସବୁପ୍ରକାର ସହାୟତା ଯୋଗାଇ ଦିଆଯାଇଥାଏ ।
- ଦରକାର ସମୟରେ ସଠିକ ତଥ୍ୟ ଓ ସମସ୍ୟା ସମାଧାନ ପରର ସ୍ଥିତି ପରଖିବା ପାଇଁ ପରାମର୍ଶଦାତ୍ରୀମାନେ ନିକଟସ୍ଥ ଥାନାର ସହାୟତା ନେଇ ଗୃହ ପରିଦର୍ଶନ କରିଥାନ୍ତି ।
- ପିଡୀତାଟିଙ୍କୁ ଡାକ୍ତରୀ ସୁବିଧା, ଆଇନ ସହାୟତା, ଆର୍ଥିକ ସ୍ୱାବଲମ୍ବୀ କରାଇବାରେ ଏହି କେନ୍ଦ୍ର ବିଶେଷ ଭୂମିକା ପଦର୍ଶନ କରିଥାଏ ।
- ଏହା ବ୍ୟତୀତ କେନ୍ଦ୍ର ବିଷୟରେ ଅଧିକରୁ ଅଧିକ ଲୋକ ଜାଣିବା ଓ ଜନସାଧାରଣଙ୍କ ଭିତରେ ପୋଲିସ ପ୍ରତି ଥିବା ଭୟକୁ ଦୂର କରିବା ନିମନ୍ତେ କମିଶନରେଟ୍ ପୋଲିସର କାର୍ଯ୍ୟପରିଧି ଭିତରେ ଥିବା ନିର୍ଦ୍ଦିଷ୍ଟ ଅଞ୍ଚଳରେ ଜନସାଧାରଣ ଓ ସ୍ଥାନୀୟ ପୋଲିସ ପ୍ରଶାସନ ମଧ୍ୟରେ ଏକ ପ୍ରଶ୍ନୋ ରଭି ିକ ଆଲୋଚନାଚକ୍ରର ଆୟୋଜନ କରାଯାଇଥାଏ ।

**ମାଧ୍ୟମକୁ ଅଭିଯୋଗ ନେଇ ଆସୁଥିବା ସମସ୍ତ ମହିଳାମାନଙ୍କର ତଥ୍ୟ ଗୋପନ ରଖାଯାଇଥାଏ ।**

## Some of the tasks performed by the counselors at the support center are:


- Patient listening
- Registration of cases
- Individual meetings, joint meetings
- Counseling (individual counseling, joint counseling, group counseling and legal counseling)
- Home visits and fact-finding visits
- Streedhan Recovery, custody of the children
- Establishing Linkages with other support mechanisms – Protection Officers, Legal services, Police, Medical, Shelter Home, Help line, Govt. Schemes/Private Schemes, Socio-Economic Reintegration
- Maintaining detailed case records (discussion at each meeting is recorded), Preparing reports, Writing Case Studies
- Coordination and collaboration with the local police for support in handling matters as per need
- Organized Police Public face to face programme in different slums/ wards

MAADHYAM (WOMEN SUPPORT CENTER)

CELEBRATING 10 Years of Service JOURNEY


## YEARWISE CASES COMING TO THE CENTER

| Year | Bhubaneswar | Cuttack | Total |
|---|---|---|---|
| 2014 (Sept.) | 127 | 105 | 232 |
| 2015 | 301 | 263 | 564 |
| 2016 | 274 | 314 | 588 |
| 2017 | 334 | 347 | 681 |
| 2018 | 339 | 329 | 668 |
| 2019 | 265 | 259 | 524 |
| 2020 | 266 | 255 | 521 |
| 2021 | 164 | 161 | 325 |
| 2022 | 258 | 260 | 518 |
| 2023 | 260 | 255 | 515 |
| 2024 (Aug.) | 235 | 245 | 480 |
| **TOTAL** | **2823** | **2793** | **5616** |





## CASE REGISTRATION FOR COUNSELING

| Year | Bhubaneswar | Cuttack | Total |
|---|---|---|---|
| 2014 (Sept.) | 80 | 80 | 160 |
| 2015 | 183 | 206 | 389 |
| 2016 | 157 | 251 | 408 |
| 2017 | 201 | 293 | 494 |
| 2018 | 260 | 278 | 538 |
| 2019 | 244 | 229 | 473 |
| 2020 | 201 | 200 | 401 |
| 2021 | 122 | 129 | 251 |
| 2022 | 213 | 213 | 426 |
| 2023 | 222 | 212 | 434 |
| 2024 (Aug.) | 202 | 216 | 418 |
| **TOTAL** | **2085** | **2307** | **4392** |




## CASE RECONCILIATION STATUS

| Year | Bhubaneswar | Cuttack | Total |
|---|---|---|---|
| 2014 (Sept.) | 31 | 48 | 79 |
| 2015 | 96 | 135 | 231 |
| 2016 | 84 | 167 | 251 |
| 2017 | 152 | 202 | 354 |
| 2018 | 165 | 182 | 347 |
| 2019 | 140 | 131 | 271 |
| 2020 | 91 | 130 | 221 |
| 2021 | 71 | 87 | 158 |
| 2022 | 115 | 155 | 270 |
| 2023 | 160 | 152 | 312 |
| 2024 (Aug.) | 133 | 152 | 285 |
| **TOTAL** | **1238** | **1541** | **2779** |



# CASE REGISTRATION AND RECONCILIATION STATUS MAADHYAM, BHUBANESWAR

**Location : DCP Office, Vani Vihar Square**

## Cases Status

| Year | Application Received | Cases Registered for Counseling |
|---|---|---|
| 2014 (Sept.) | 127 | 80 |
| 2015 | 301 | 183 |
| 2016 | 274 | 157 |
| 2017 | 334 | 201 |
| 2018 | 339 | 260 |
| 2019 | 265 | 244 |
| 2020 | 266 | 201 |
| 2021 | 164 | 122 |
| 2022 | 258 | 213 |
| 2023 | 260 | 222 |
| 2024 (Aug) | 235 | 202 |
| **TOTAL** | **2823** | **2085** |

## Reconciliation status

| Year | Cases Registered for Counseling | Reconciliation |
|---|---|---|
| 2014 (Sept.) | 80 | 31 |
| 2015 | 183 | 96 |
| 2016 | 157 | 84 |
| 2017 | 201 | 152 |
| 2018 | 260 | 165 |
| 2019 | 244 | 140 |
| 2020 | 201 | 91 |
| 2021 | 122 | 71 |
| 2022 | 213 | 115 |
| 2023 | 222 | 160 |
| 2024 (Aug) | 202 | 133 |
| **TOTAL** | **2085** | **1238** |

## Different Type of Cases Registered in the Center

| Type of cases | Year | | | | | | | | | | | Total |
|---|---|---|---|---|---|---|---|---|---|---|---|---|
| | 2014 (Sept.) | 2015 | 2016 | 2017 | 2018 | 2019 | 2020 | 2021 | 2022 | 2022 | 2024(Aug.) | |
| Domestic Violence | 56 | 161 | 144 | 190 | 248 | 228 | 190 | 112 | 196 | 196 | 181 | **1902** |
| False Promise of Marriage | 11 | 10 | 08 | 10 | 12 | 16 | 11 | 09 | 06 | 13 | 11 | **117** |
| Sexual Harassment at workplace | 01 | - | 01 | - | - | - | - | - | - | - | - | **02** |
| Molestation / Eve Teasing / Stalking / Sexual Assault | 05 | 12 | 04 | 01 | - | - | - | - | - | 01 | - | **23** |
| Cyber Crime & Trafficking | 07 | - | - | - | - | - | - | 01 | 04 | - | - | **12** |
| Missing Kidnapping | - | - | - | - | - | - | - | - | 04 | 02 | - | **06** |
| Any Other | - | - | - | - | - | - | - | - | 03 | 10 | 10 | **23** |

## Alternative Support Services Provided to the Survivors

| Services | 2014 (Sept.) | 2015 | 2016 | 2017 | 2018 | 2019 | 2020 | 2021 | 2022 | 2023 | 2024(Aug.) | Total |
|---|---|---|---|---|---|---|---|---|---|---|---|---|
| Shelter Home | - | 05 | 13 | 03 | 06 | 04 | - | 01 | 03 | - | - | **35** |
| Medical Support | - | 01 | 07 | 09 | 13 | 14 | 21 | 17 | 30 | 27 | 17 | **156** |
| Legal Support | 08 | 17 | 17 | 13 | 32 | 10 | 14 | 10 | 14 | 17 | 18 | **170** |
| CWC | - | - | - | - | - | - | - | - | 06 | 03 | 03 | **12** |
| DIR Filling | - | 01 | 08 | 13 | 07 | 06 | 03 | 05 | 02 | 05 | 02 | **52** |
| Livelihood Linkages | - | 01 | 02 | 02 | 04 | 02 | 01 | - | 02 | 05 | 04 | **23** |

# CASE REGISTRATION AND RECONCILIATION STATUS MAADHYAM, CUTTACK

## Location : Mahila Police Station, Buxi Bazar

### Cases Status

| Year | Application Received | Cases Registered for Counseling |
|---|---|---|
| 2014 (Sept) | 105 | 80 |
| 2015 | 263 | 206 |
| 2016 | 314 | 251 |
| 2017 | 347 | 293 |
| 2018 | 329 | 278 |
| 2019 | 259 | 229 |
| 2020 | 255 | 200 |
| 2021 | 161 | 129 |
| 2022 | 260 | 213 |
| 2023 | 255 | 212 |
| 2024(Aug) | 245 | 216 |
| **TOTAL** | **2793** | **2307** |

### Reconciliation status

| Year | Cases Registered for Counseling | Reconciliation |
|---|---|---|
| 2014 (Sept) | 80 | 48 |
| 2015 | 206 | 135 |
| 2016 | 251 | 167 |
| 2017 | 293 | 202 |
| 2018 | 278 | 182 |
| 2019 | 229 | 131 |
| 2020 | 200 | 130 |
| 2021 | 129 | 87 |
| 2022 | 213 | 155 |
| 2023 | 212 | 152 |
| 2024(Aug) | 216 | 152 |
| **TOTAL** | **2307** | **1541** |

### Different Type of Cases Registered in the Center

| Type of cases | Year | | | | | | | | | | | Total |
|---|---|---|---|---|---|---|---|---|---|---|---|---|
| | 2014 (Sept) | 2015 | 2016 | 2017 | 2018 | 2019 | 2020 | 2021 | 2022 | 2023 | 2024(Aug.) | |
| Domestic Violence | 69 | 180 | 229 | 268 | 274 | 229 | 191 | 126 | 206 | 200 | 212 | **2184** |
| False Promise of Marriage | - | 02 | 03 | 07 | 03 | - | 07 | 03 | 07 | 09 | 04 | **45** |
| Adultery | 06 | 11 | 17 | 12 | 01 | - | - | - | - | - | - | **47** |
| Molestation / Eve Teasing / Stalking / Sexual Assault | 05 | 12 | 02 | 06 | - | - | 02 | - | - | 02 | - | **29** |
| Cyber Crime & Trafficking | - | 01 | - | - | - | - | - | - | - | 01 | - | **02** |

### Alternative Support Services Provided to the Survivors

| Services | 2014 (Sept) | 2015 | 2016 | 2017 | 2018 | 2019 | 2020 | 2021 | 2022 | 2023 | 2024(Aug.) | Total |
|---|---|---|---|---|---|---|---|---|---|---|---|---|
| Shelter Home | - | - | 02 | 01 | 01 | 01 | - | - | - | - | - | **05** |
| Free Medical Support | - | - | - | 02 | 01 | 11 | 03 | - | - | - | - | **17** |
| Free Legal Aid Support | 05 | 04 | 13 | 15 | 31 | 14 | 20 | 09 | 04 | 02 | 03 | **120** |
| CWC | - | - | - | - | - | - | - | - | - | - | 01 | **01** |
| DIR Filling | 04 | 03 | 05 | 03 | 02 | 01 | 02 | 01 | 02 | 02 | - | **25** |
| Livelihood Linkages | 01 | 02 | 02 | 02 | 01 | 02 | 01 | - | - | - | - | **11** |

## ୨୦୧୪ ମସିହାରୁ ଏପର୍ଯ୍ୟନ୍ତ ବିଭିନ୍ନ ଥାନା ମାଧ୍ୟମରେ ଆସିଥିବା କେସ୍ ସଂଖ୍ୟା

### ଭୁବନେଶ୍ୱର

| କ୍ର.ନଂ | ଥାନାର ନାମ | ସଂଖ୍ୟା |
|---|---|---|
| ୦୧ | ଇନଫୋସିଟି | ୧୬ |
| ୦୨ | ଚନ୍ଦ୍ରଶେଖରପୁର | ୧୩ |
| ୦୩ | ନନ୍ଦନକାନନ | ୦୯ |
| ୦୪ | ନୟାପଲ୍ଲୀ | ୨୭ |
| ୦୫ | ଖଣ୍ଡଗିରି | ୪୭ |
| ୦୬ | ତମାଣ୍ଡୋ | ୦୮ |
| ୦୭ | ଚନ୍ଦକା | ୦୭ |
| ୦୮ | ଜଟଣୀ | ୨୨ |
| ୦୯ | ଶହିଦ ନଗର | ୬୩ |
| ୧୦ | ଖାରବେଳ ନଗର | ୧୫ |
| ୧୧ | ମେ ଶ୍ୱର | ୨୮ |
| ୧୨ | ଲକ୍ଷ୍ମୀସାଗର | ୪୮ |
| ୧୩ | ଧଉଳି | ୧୬ |
| ୧୪ | ଏୟାରଫିଲଡ୍ | ୩୮ |
| ୧୫ | ଶ୍ରୀଲିଙ୍ଗରାଜ | ୩୯ |
| ୧୬ | କ୍ୟାପିଟାଲ | ୧୬ |
| ୧୭ | ବାଲିଅନ୍ତା | ୧୦ |
| ୧୮ | ବାଲିପାଟଣା | ୦୬ |
| ୧୯ | ବରଗଡ | ୧୩ |
| ୨୦ | ମହିଳା ଥାନା | ୫୩୮ |
| ୨୧ | ଏୟାରପୋର୍ଟ | ୧୧ |
| ୨୨ | ଡି.ସି.ପି ଅଭିଯୋଗ ପ୍ରକୋଷ୍ଠ | ୨୧୪ |
| ୨୩ | ସି.ପି ଅଭିଯୋଗ ପ୍ରକୋଷ୍ଠ | ୨୩ |
| ୨୪ | ଭରତପୁର | ୦୨ |
| ୨୫ | ପାହାଳ | ୦୨ |
| ୨୬ | ସାଇବର ଏବଂ ଅର୍ଥନୈତିକ ଅପରାଧ ଥାନା | ୦୧ |
| ୨୭ | ଇନ୍ଫୋ ଭାଲି | ୦୦ |
| ୨୮ | ଅନ୍ୟାନ୍ୟ | ୧୭ |
| | **ମୋଟ** | **୧୨୪୯** |

### କଟକ

| କ୍ର.ନଂ | ଥାନାର ନାମ | ସଂଖ୍ୟା |
|---|---|---|
| ୦୧ | ପୁରୀଘାଟ | ୦୪ |
| ୦୨ | ମାଲଗୋଦାମ | ୦୭ |
| ୦୩ | କ୍ୟାଣ୍ଟନ୍‌ମେ | - |
| ୦୪ | କଟକ ସଦର | ୦୬ |
| ୦୫ | ମହିଳା ଥାନା | ୨୦୨୬ |
| ୦୬ | ବିଡାନାସୀ | ୦୩ |
| ୦୭ | ଲାଲବାଗ୍ | ୦୪ |
| ୦୮ | ମଧୁପାଟଣା | ୦୩ |
| ୦୯ | କନ୍ଦରପୁର | ୦୪ |
| ୧୦ | ଚୌଦ୍ୱାର | ୦୩ |
| ୧୧ | ଚାଉଳିଆଗଞ୍ଜ | ୦୩ |
| ୧୨ | ମର୍କତ ନଗର | ୦୩ |
| ୧୩ | ବାରଙ୍ଗ | ୦୧ |
| ୧୪ | ମଙ୍ଗଳାବାଗ | ୦୮ |
| ୧୫ | ଦରଘା ବଜାର | ୦୭ |
| ୧୬ | ଜଗତପୁର | ୦୨ |
| ୧୭ | ବାଦାମବାଡ଼ି | ୦୩ |
| ୧୮ | ୪୨ ମୌଜା | ୦୧ |
| ୧୯ | ଡି.ସି.ପି ଅଭିଯୋଗ ପ୍ରକୋଷ୍ଠ | ୧୪ |
| ୨୦ | ଅନ୍ୟାନ୍ୟ | ୦୮ |
| | **ମୋଟ** | **୨୧୧୦** |









# ସଫଳ କାହାଣୀ

**ନିମ୍ନରେ ଦିଆଯାଇଥିବା ଫଟୋ ଓ କାହାଣୀଗୁଡ଼ିକ ସେମାନଙ୍କର ନିଜସ୍ୱ ସହମତରେ ଦିଆଯାଇଛି।**

ମୋ ଶାଶୁଘରେ ବାରମ୍ବାର ଝଗଡ଼ା ଓ ବିଶୃଙ୍ଖଳା ହେଉଥିଲା। ଶାଶୁ, ଶଶୁର, ସ୍ୱାମୀ ମିଶି ମୋତେ ମାଡ଼ପିଟା କରୁଥିଲେ। ଏମିତି ବିଶୃଙ୍ଖଳା ଘରେ ସବୁବେଳେ ଲାଗିରହୁଥିଲା। ତାକୁ ନେଇ ଆମ ସ୍ୱାମୀ ସ୍ତ୍ରୀ ସମ୍ପର୍କରେ ବାରମ୍ବାର ଫାଟ ସୃଷ୍ଟି ହେଉଥିଲା। ଆମର ୨ ବର୍ଷ ବିବାହ ଭିତରେ ଏମିତି ବହୁତ ଥର ହେଲା। ଏହି ସମୟରେ ମୁଁ 'ମାଧମ' ବିଷୟରେ ଜାଣିବାକୁ ପାଇଲି ଓ ସ୍ଥିର କଲି ସେଠାକୁ ଯାଇ ମୋର ସମସ୍ୟା ବିଷୟରେ କହିବି। ସେଠାକୁ ଯାଇ ମୁଁ ଯେତେବେଳେ ସେଠାକାର ପରାମର୍ଶଦାତ୍ରୀ ରୋଜାଲିନ୍ ମାଡାମ୍‌ଙ୍କୁ ମୋର ସବୁ ସମସ୍ୟା କହିଲି, ସେ ଧୈର୍ଯ୍ୟର ସହ ମୋ ସମସ୍ୟାକୁ ଶୁଣିଲେ ଓ ମୋତେ ପ୍ରତିଶ୍ରୁତି ଦେଇ ଏହାର କିଛି ଗୋଟେ ସମାଧାନର ବାଟ ଖୋଜିବା ପାଇଁ କହିଲେ। ସେ ମୋ ସ୍ୱାମୀ ଓ ପରିବାରର ସଦସ୍ୟମାନଙ୍କୁ ଡକାଇ ଅନେକ ବୁଝାସୁଝା କଲାପରେ ମୁଁ ସ୍ୱାମୀଙ୍କ ସହ ଶାଶୁଘରକୁ ଯିବାପାଇଁ ନିଷ୍ପତ୍ତି ନେଲି। ଏବେ ମୁଁ ମୋ ପରିବାର ସହ ଭଲରେ ଅଛି। ମୁଁ ଏତିକି କହିବି, ମୋ ଭଳି ମହିଳାମାନେ ଯେଉଁମାନେ ନିଜ ପାରିବାରିକ ସମ୍ପର୍କକୁ ନେଇ ଦ୍ୱନ୍ଦ୍ୱରେ ଅଛନ୍ତି। ଯଥାଶୀଘ୍ର 'ମାଧମ' କୁ ଆସି ନିଜର ସମସ୍ୟା ଜଣାଇ ତାହାର ସମାଧାନ କରନ୍ତୁ।



ଶୁଭଶ୍ରୀ ସାମଲ ଓ ତାଙ୍କ ପରବାର



ଇତି ଓ ତାଙ୍କ ପରିବାର

ମୁଁ ଇତି, ମୋ ସ୍ୱାମୀଙ୍କ ନାମ ଅଶୋକ। ଆମେ କଟକର ବାସିନ୍ଦା ଅଟୁ। ଜାଣିବାକୁ ପାଇଲି ମୋର ସ୍ୱାମୀ ଅଶୋକ ଆଉ ଗୋଟେ ଝିଅ ସହିତ ଫୋନ୍‌ରେ କଥା ହେଉଥିଲେ। ଏହା ଆମ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ାର ସୂତ୍ରପାତ ହୋଇଥିଲା। ମୁଁ ମହିଳା ଥାନା ପରିସରରେ ଥିବା 'ମାଧମ' ବିଷୟରେ ଜାଣିବାକୁ ପାଇଲି। ଏହା ପରେ ମୁଁ କାଉନ୍‌ସିଲର ମାଡାମଙ୍କ ପାଖକୁ ଯାଇ ସହାୟତା ପାଇଁ ଜଣାଇଥିଲି।

କାଉନ୍‌ସିଲର ମାଡାମ ମୋ ସ୍ୱାମୀ ଅଶୋକଙ୍କୁ ଡାକି ଆମ ମଧ୍ୟରେ ଥିବା ସମସ୍ୟାକୁ ସମାଧାନ କରିଥିଲେ ଏବଂ ମୋତେ ନିଜ ସାନ ଭଉଣୀ ଭଳି ବ୍ୟବହାର କରିଥିଲେ। ମୋର ସବୁ ସମସ୍ୟାର ସମାଧାନ କରିଥିଲେ ଓ ମୋ ହସଖୁସିର ପରିବାରକୁ ପୁନଃସ୍ଥାପନା କରିବାରେ ସାହାଯ୍ୟ କରିଥିଲେ। ଯାହାଦ୍ୱାରା ଗତ ୫/୮/୨୪ରେ ମୁଁ ଏବଂ ମୋ ପରିବାର ୫ ବର୍ଷର ପୁଅ ସହିତ ହସଖୁସିରେ ଘରକୁ ଫେରିଲୁ ଏବଂ ମୁଁ ଭାବୁଛି ଯଦି କାଉନ୍‌ସିଲର ମାଡାମ୍ ନ ଥାନ୍ତେ ବୋଧେ ମୋ ହସଖୁସିର ସଂସାର ନଷ୍ଟ ହୋଇଯାଇଥାନ୍ତା। ଏହି କାଉନ୍‌ସିଲର ମାଡାମ ଯଦି ନ ଥାନ୍ତେ ମୁଁ ଆଉ ଜୀବିତ ରହିପାରି ନଥାନ୍ତି କି ମୋର ହସ ଖୁସିର ପରିବାର ଆଉ ପାଇପାରିନଥାନ୍ତି। ମୋର ଏତେ ବଡ଼ ସମସ୍ୟାର ସମାଧାନ କରିଦେଇ ପାରିଥିବାରୁ ମୁଁ ମୋର କୃତଜ୍ଞତା ଜ୍ଞାପନ କରୁଛି।

# ମତାମତ

# ସଫଳ କାହାଣୀ


ଶୁଭଶ୍ରୀ ଜେନା ଓ ତାଙ୍କ ପରିବାର

ବିବାହର ଗୋଟେ ବର୍ଷ ମଧ୍ୟରେ ଆମ ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇ ସଂପର୍କରେ ଫାଟ ସୃଷ୍ଟି ହୋଇଥିଲା। ଦିନକୁ ଦିନ ଶାଶୁ ଏବଂ ନଣନ୍ଦଙ୍କର ବ୍ୟବହାର ମୋ ପ୍ରତି ବହୁତ ଅସହ୍ୟ ଥିଲା। ମୁଁ ଛଅମାସ ଧରି ମୋର ବାପାଙ୍କ ଘରେ ଯାଇ ରହିଲି। ସ୍ୱାମୀଙ୍କଠାରୁ କୌଣସି ପ୍ରକାର ଫୋନ୍ କଲ୍ ମଧ୍ୟ ଆସିଲା ନାହିଁ। ଅନ୍ୟମାନଙ୍କଠାରୁ ଶୁଣିବାକୁ ପାଇଲି ପରିବାର ଲୋକ ଚାହୁଁଛନ୍ତି ମୁଁ ଅଲଗା ହୋଇଯାଏ। ମୋର ଜଣେ ସାଙ୍ଗଠାରୁ 'ମାଧ୍ୟମ' ବିଷୟରେ ଜାଣିବାକୁ ପାଇଲି। ମୋ ସାଙ୍ଗ ଏବଂ ମୁଁ ଉଭୟ ମାଧ୍ୟମକୁ ଯାଇ ମୋର ସମସ୍ୟା ବିଷୟରେ କଥାହେଲି। ମୋର ସାଙ୍ଗର ପୂର୍ବରୁ ଘରୋଇ ସମସ୍ୟା ମାଧ୍ୟମରେ ସମାଧାନ ହୋଇଥିବାରୁ ତା'ର ମାଧ୍ୟମ ଉପରେ ଅଖଣ୍ଡ ବିଶ୍ୱାସ ଥିଲା ଏବଂ ସେ କହିଲା ତୋର ସମସ୍ୟାର ସମାଧାନ ପାଇଁ ସେଠାରେ ଅନିମା ମ୍ୟାଡାମ୍ ରାସ୍ତା ବାହାର କରିବେ। ମୋର ସ୍ୱାମୀ, ଶାଶୁ ସମସ୍ତଙ୍କୁ ଡକାଇ ଆଲୋଚନା କଲେ। ସେ ମୋ କଥା ଶୁଣିଲେ ଏବଂ ଧୈର୍ଯ୍ୟର ସହିତ ସମସ୍ୟାର ସମାଧାନ ମଧ୍ୟ କରାଇଲେ। ଭାଙ୍ଗି ଯାଇଥିବା ସଂସାରଟିକୁ ପୁଣି କେବେ ଫେରି ପାଇବି ସେ ଆଶା ମୋର କେବେ ନଥିଲା। ସେଠାରେ ଅନିମା ମ୍ୟାଡାମ୍ ଓ ଅନ୍ୟ ସାର୍ ଏବଂ ମ୍ୟାଡାମ୍‌ମାନେ ଏତେ ସୁନ୍ଦର ଭାବରେ ଆମ ଦୁହିଁଙ୍କୁ ଏକାଠି କରାଇପାରିଲେ ଏବଂ ମୋତେ ଚାକିରୀ କରିବା ପାଇଁ ଶାଶୁଘର ଲୋକଙ୍କୁ ରାଜି କରାଇଲେ। ମୁଁ ଏତେ ଖୁସି ହୋଇଗଲି ଯେ ସେଦିନ ମୋ ଆଖିରୁ ଖୁସିର ଲୁହର ଧାର ବୋହିଗଲା। ମୁଁ ଏଠାକୁ ଆସିବା ପୂର୍ବରୁ କେବେ ଭାବିନଥିଲି ମୋର ସମସ୍ୟାର ସମାଧାନ ହୋଇପାରିବ ବୋଲି। ସବୁ ଅନିମା ମିଶ୍ର ମାଡାମ୍‌ଙ୍କ ଚେଷ୍ଟାରେ ସମ୍ଭବ ହୋଇପାରିଲା। ଏବେ ଆମେମାନେ ବହୁତ ଖୁସିରେ ଅଛୁ। 'ମାଧ୍ୟମ' ଆଜି ଆମ ସମସ୍ତଙ୍କ ମନରେ ଖୁସି ଭରି ଦେଇଥିବାରୁ ମାଧ୍ୟମର ସମସ୍ତ କାର୍ଯ୍ୟକର୍ତ୍ତାମାନଙ୍କୁ ମୁଁ ଧନ୍ୟବାଦ ଦେଉଛି।


ରୁବିନା ଓ ତାଙ୍କ ପରିବାର

ମୋର ଏକ ପ୍ରକାର ଧାରଣା ଥିଲା ଯେ ସଂପର୍କରେ ଫାଟ ସୃଷ୍ଟି ହେଲେ ସେ ଆଉ ଯୋଡ଼ି ହୋଇପାରେ ନାହିଁ। ମୁଁ ଆଉ ମୋ ସ୍ୱାମୀଙ୍କ ମଧ୍ୟରେ ଛୋଟ ଛୋଟ କଥାରେ କଳିଝଗଡ଼ା ହୁଏ। ସବୁ କିଛି ପ୍ରୟାସ ପରେ ମଧ୍ୟ ନିବାରଣ ହୋଇପାରୁନଥିଲା। ଦିନକୁ ଦିନ ଜୀବନ ଅସହ୍ୟ ହୋଇ ପଡ଼ିଲା ପରି ଲାଗିଲା। ଶେଷରେ ମୁଁ ମାଧ୍ୟମର ସାହାଯ୍ୟ ନେଇ ସେଠାକୁ ଗଲାପରେ ସେଠାରେ କାର୍ଯ୍ୟରତ କାଉନ୍‌ସିଲର ମାଡାମ୍ ରୋଜାଲିନ୍‌ଙ୍କ ସାହାଯ୍ୟରେ ମୋତେ ସବୁ ସମସ୍ୟାର ସମାଧାନ ମିଳିଗଲା। ଆମ ଦୁଇ ଜଣଙ୍କୁ ବୁଝାଇବାକୁ ସେ ବହୁତ ପରିଶ୍ରମ କରିଛନ୍ତି ଏବଂ ଶେଷରେ ସଫଳ ମଧ୍ୟ ହୋଇଛନ୍ତି। ତାଙ୍କରି ପ୍ରେରଣାରେ ଆଜି ଆମର ଭାଙ୍ଗି ଯାଉଥିବା ପରିବାର ଏକାଠି ହୋଇପାରିଛି। ତେଣୁ ମୁଁ ତାଙ୍କୁ ମୋ ହୃଦୟରୁ କୃତଜ୍ଞତା ଜଣାଉଛି। ଧନ୍ୟବାଦ ଦେଉଛି ଯେ, ସେ ଆମକୁ ଏକାଠି କରିପାରିଛନ୍ତି। କେବଳ ମୁଁ ଏତିକି କହିବି ଯେଉଁମାନଙ୍କର ପରିବାରରେ କିଛି ପାରିବାରିକ ସମସ୍ୟା ଅଛି ଆପଣମାନେ ନିର୍ଭୟରେ 'ମାଧ୍ୟମ'କୁ ଆସନ୍ତୁ, ନିଜର ସମସ୍ୟା କୁହନ୍ତୁ ଓ ସମାଧାନ କରନ୍ତୁ।

## ମତାମତ

# ସଫଳ କାହାଣୀ

ମୁଁ ଅମ୍ବିକା ସାହୁ, ଆମେ କଟକ ସିଡିଏ ର ବାସିନ୍ଦା । ସଂସାର କରିବା ମଧ୍ୟରେ ମୋ ସ୍ୱାମୀଙ୍କର ବ୍ୟବହାର ଓ ତାଙ୍କ ଭଉଣୀଙ୍କ କିଛି କଥା ମୋତେ ମାନସିକ ଓ ଶାରୀରିକ ଭାବେ ଆଘାତ ଦେଇଥିଲା । ସମ୍ପର୍କରେ ତାଙ୍କ ଭଉଣୀ ଫାଟ ସୃଷ୍ଟି କରିଥିବାରୁ ମୁଁ କ'ଣ କରିବି କାହାକୁ କହିବି, କିଛି ଭାବି ପାରୁନଥିଲି । ସ୍ୱାମୀଙ୍କୁ ବାଟକୁ ଆଣିବାକୁ ସବୁ ପ୍ରକାର ପ୍ରୟାସ ମୋର ବେକାର ହୋଇଯାଉଥିବା ବେଳେ 'ମାଧ୍ୟମ'ର ହାତ ଧରିଲି । ଯାହାହେଉ ସେଠାକୁ ଗଲାପରେ କାର୍ଯ୍ୟରତ କାଉନ୍‌ସିଲର ରୋଜାଲିନ୍ ମାଡାମ୍‌ଙ୍କୁ ସବୁକଥା ଶୁଣାଇଲା ପରେ ରାହା ମିଳିଲା ପରି ଲାଗିଲା । ଆମ ଦୁଇଜଣଙ୍କୁ ବୁଝାଇବା ପାଇଁ ସେ ବହୁତ ଚେଷ୍ଟା କରି ସଫଳ ହୋଇଛନ୍ତି । ଶେଷରେ ଆମର ଉଜୁଡ଼ି ଯାଉଥିବା ସଂସାର ଯୋଡ଼ି ହୋଇଛି । ତେଣୁ ମୁଁ ତାଙ୍କୁ ଯେତେ କୃତଜ୍ଞତା ଜଣାଇଲେ ବି କମ୍ ହେବ । ମୁଁ ରୋଜାଲିନ୍ ମ୍ୟାଡାମ୍‌ଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି ।



ଅମ୍ବିକା ସାହୁ ଓ ତାଙ୍କ ପରିବାର



ଧୀରଲତା ବାରିକ

ମୋର ୭୬ ବର୍ଷ ବୟସରେ ନିଃସଂଗ ଜୀବନ ବଞ୍ଚିବା ପାଇଁ ଇଚ୍ଛା ନଥିଲା । ପ୍ରତ୍ୟେକ ଦିନ ସୂର୍ଯ୍ୟ ଉଦୟ ହେଲେ ମୁଁ ଭଗବାନଙ୍କୁ ପ୍ରାର୍ଥନା କରୁଥିଲି ତୁମପାଖକୁ ମୋତେ ନେଇଯାଅ । ମୁଠାଏ ଖାଇବା ଏବଂ ରହିବା ପାଇଁ ବାସଟିଏ ମୋର ମଧ ରହିଲା ନାହିଁ । ସ୍ୱାମୀ ଚାଲିଯିବା ପରେ ପିଲାମାନଙ୍କ ପାଇଁ ମୁଁ ବୋଝ ହୋଇଗଲି । ମୋତେ ନେଇ ଭାଗବଣ୍ଟା ଆରମ୍ଭ କରିଦେଲେ । ପିଲାମାନଙ୍କ ମଧ୍ୟରେ କଥା ଚାଲିଲା ସଂପତ୍ତି ଭାଗନହେବା ପର୍ଯ୍ୟନ୍ତ ଆମ୍ଭେମାନେ କେହି ତାଙ୍କୁ ପାଖରେ ରଖିବୁ ନାହିଁ । ପିଲାମାନେ ଆଣି ମନ୍ଦିରେ ଛାଡ଼ିଦେଇ ଚାଲିଗଲେ । ସେଠାରେ  କାନ୍ଦୁଥିବାର ଦେଖି କିଛି ଲୋକମାନେ ପୋଲିସ୍‌କୁ ଫୋନ୍ କଲେ । ପୋଲିସ୍‌କୁ ଦେଖି ମୁଁ ବହୁତ ଜୋରରେ ଡରି ଯାଇଥିଲି । ସେମାନେ ମୋତେ କହିଲେ ଡରିବାର କିଛି ନାହିଁ । ତୁମେ 'ମାଧମ'କୁ ଚାଲ । ସେମାନେ ତୁମର ପୁଅବୋହୂମାନଙ୍କୁ ଡାକି ସମସ୍ୟାର ସମାଧାନ କରି ତୁମର ରହିବାପାଇଁ ସମସ୍ତ ବ୍ୟବସ୍ଥା କରିବେ । ସେଠାରେ ଯାଇ ମୁଁ ମୋର ସମସ୍ୟା ବିଷୟରେ ଜଣାଇଲି । ମୋ ଆଖିର ଲୁହ ଅନବରତ ବୋହି ଚାଲିଥିଲା । ମୁଁ କଥା ମଧ କହି ପାରୁନଥିଲି । ସେଠାରେ ଥିବା ସମସ୍ତ କର୍ମଚାରୀ ଏବଂ ଅନିମା ମାଡାମ୍ ମୋର ଆଖିରୁ ଲୁହ ପୋଛିଦେଇ ସାଙ୍ଗେ ସାଙ୍ଗେ ମୋତେ ପାଣି ପିଆଇଲେ ଏବଂ ଖାଇବା ଆଣି ଖୁଆଇ ଦେଲେ । ଅଧାଘଣ୍ଟା ମଧରେ ମୋର ପୁଅ ବୋହୂମାନଙ୍କୁ ଡକାଇ ମୋର ସମସ୍ୟା ବିଷୟରେ ଆଲୋଚନା କଲେ । ମୋର ନିର୍ଦ୍ଦୟ ପୁଅବୋହୂମାନେ ସେତିକି କଷ୍ଟ କେବେ ବୁଝିନଥିଲେ ସେମାନେ ମୋତେ ବୃଦ୍ଧା ଆଶ୍ରମରେ ନେଇ ଛାଡ଼ିବା ପାଇଁ ଜିଦି କରୁଥିଲେ । ଅନିମା ମାଡାମ୍ ଉଭୟପକ୍ଷଙ୍କ କଥା ଧୈର୍ଯ୍ୟର ସହିତ ଶୁଣି ମୋତେ ସାନ୍ତ୍ୱନା ଦେଲେ, ଯେମିତି ହେଲେ ମୁଁ ଆପଣଙ୍କ ପରିବାର ଲୋକଙ୍କ ସହିତ ନିଜ ଘରେ କିପରି ଖୁସିରେ ରହିବେ ତା'ର ବ୍ୟବସ୍ଥା କରିବି । ସତକୁ ସତ ପୁରା ୫ଦିନ ଲାଗି ମୋ କେସ୍‌ରେ ଏତେ ସୁନ୍ଦର ଭାବେ ସମାଧାନ କରିଦେଇପାରିଲେ । ମା'ର ମାନେ କ'ଣ ପିଲାମାନଙ୍କୁ ଏମିତି ବୁଝାଇଲେ ସେମାନେ ମଧ ତାଙ୍କର ଭୁଲ୍ ବୁଝିପାରି ମୋର ଗୋଡ଼ଧରି କାନ୍ଦିଲେ । ମା'ଙ୍କୁ ସବୁବେଳେ ଖୁସିରେ ରଖିବେ ବୋଲି କଥା ଦେଲେ । ମୋତେ ଲାଗିଲା ଯେମିତି ଏକ ମଲା ଶରୀରରେ ଜୀବନ ଦାନ କଲେ । ମୋର ସମସ୍ତ ସମସ୍ୟାକୁ ଏତେ ସୁନ୍ଦର ଭାବରେ ସମାଧନା କରିଥିବାରୁ ମୁଁ ଅନିମା ଝିଅ ଏବଂ ସେଠାରେ କାମ କରୁଥିବା କର୍ମଚାରୀମାନଙ୍କୁ ଅନେକ ଧନ୍ୟବାଦକରୁଛି / ମାଧମ ହେଉଛି ବୁଢ଼ାବୁଢ଼ୀମାନଙ୍କ ପାଇଁ ଆଶାର ଆଲୋକ । ମୁଁ ଏବେ ଭଲରେ ଅଛି ।

# ଅଭିମତ



ରୋଜାଲିନ୍ ସାହୁ

ଦୀର୍ଘ ୭ବର୍ଷ ଧରି ମୁଁ 'ମାଧ୍ୟମ' ମହିଳା ସହଯୋଗ କେନ୍ଦ୍ର, କଟକଠାରେ ପରାମର୍ଶଦାତ୍ରୀ ଭାବେ କାମ କରିଆସୁଅଛି। ଏହି କେନ୍ଦ୍ରଟି କଟକ ମହିଳା ଥାନା ପରିସରରେ ଅଛି। କଟକ କମିଶନରେଟ୍ ପୋଲିସ୍ ଅଧୀନରେ ଆସୁଥିବା ବିଭିନ୍ନ ଥାନାରୁ ଅନେକଗୁଡ଼ିଏ ମହିଳା ହିଂସା ସମ୍ବନ୍ଧୀୟ ଅଭିଯୋଗକୁ ଥାନା ଅଧିକାରୀମାନେ ମୋ ପାଖକୁ ପଠାଇ ଦେଇଥାନ୍ତି। ସେମାନେ ବି ଚାହାନ୍ତି ଏହିଭଳି ସମସ୍ୟାର ଯଥାଶୀଘ୍ର ସମାଧାନ ହୋଇଗଲେ ଭଲ। ଯେହେତୁ ଏହି କେନ୍ଦ୍ରଟି ମହିଳା ଥାନା ପରିସରରେ ଅବସ୍ଥିତ ତେଣୁ ଅଧିକାଂଶ କେସ୍ ମହିଳାଥାନାରୁ ହିଁ ଆସିଥାଏ। ଦୀର୍ଘ ୭ବର୍ଷର କାର୍ଯ୍ୟକାଳ ମଧ୍ୟରେ ମୁଁ ଅନେକ ମହିଳାଙ୍କ ସମସ୍ୟାର ସମାଧାନ କରିଛି। ଯେଉଁଠି ସମାଧାନ ନହୋଇପାରେ ମୁଁ ନିଜକୁ ବହୁତ ତର୍ଜମା କରେ, ଆଉ କ'ଣ ହୋଇପାରିଥିଲେ ସେମାନଙ୍କର ଉଜୁଡ଼ା ସଂସାର ବାନ୍ଧି ହୋଇ ପାରିଥାନ୍ତା।

ଆଜି 'ମାଧ୍ୟମ'କୁ ୧୦ବର୍ଷ ପୁରିଲା। ଏହି ପରିପ୍ରେକ୍ଷୀରେ ମୁଁ 'ମାଧ୍ୟମ' ସଙ୍ଗେ ଜଡ଼ିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ସେମାନଙ୍କର ସମସ୍ତ ସହଯୋଗ ପାଇଁ କୃତଜ୍ଞତା ଜଣାଉଛି। ଧନ୍ୟବାଦ ଦେଉଛି ଆଇ.ଏସ୍.ଡି.ର ନିର୍ଦ୍ଦେଶିକା ଶୁଭଶ୍ରୀ ଦାସଙ୍କୁ ଯିଏ ମୋତେ ଏହିଭଳି ଏକ ଗୁରୁଦାୟିତ୍ୱ ଦେଇଛନ୍ତି।



ଅନିମା ମିଶ୍ର

'ମାଧ୍ୟମ'ର ୧୦ବର୍ଷ ପୂର୍ତ୍ତି ଉପଲକ୍ଷେ ମୁଁ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। ଏହି ସଂସ୍ଥାରେ ମୋର କାର୍ଯ୍ୟକାଳ ୯ବର୍ଷ। ଏହି ୯ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଲୋକଙ୍କଠାରୁ, ପୁଲିସ୍ ବିଭାଗରୁ ତଥା ମୋ ଅନୁଷ୍ଠାନ ଆଇ.ଏସ୍.ଡି. ଠାରୁ ଅନେକ ଭଲପାଇବା, ସ୍ନେହ ଓ ଆଦର ପାଇଛି। 'ମାଧ୍ୟମ' ଭୁବନେଶ୍ୱର କେନ୍ଦ୍ରର ପରାମର୍ଶଦାତ୍ରୀ ଭାବେ କାମ କରି ମୁଁ ଏକ ପ୍ରମୁଖ ଦାୟିତ୍ୱ ନିଭାଇଛି। ଅନେକଙ୍କ ଅଭିଯୋଗ ଥାଏ ଯେ, ଆମେ ଠିକ୍ ଭାବେ କଥା ଶୁଣୁନାହୁଁ। ଯେତେବେଳେ ମୋ ପାଖକୁ ଜଣେ ତା'ର ଅଭିଯୋଗ ନେଇ ଆସିଥାଏ, ସେତେବେଳେ ତା' ମନରେ କୋହ, ରାଗ, ଆବେଗ ଆଉ ତା' ପ୍ରତି କରାଯାଇଥିବା ହିଂସା ଆଉ ବ୍ୟବହାର ଯୋଗୁଁ ସେ ଅତିଷ୍ଠ ହୋଇଯାଇଥାଏ। ସେତେବେଳେ ତା'ର ଦୁଃଖକୁ ଧୈର୍ଯ୍ୟର ସହିତ, ତା' ମନର ସହିତ ମନ ମିଶାଇ ଶୁଣିବାର ଆବଶ୍ୟକତା ରହିଥାଏ। ତା'ର ଅସହାୟତାକୁ ଠିକ୍ ଭାବେ ଶୁଣିବା ଦ୍ୱାରା ଏବଂ ଅପରପକ୍ଷକୁ ତା'ର ଭୁଲ୍ ବା ଅଭାବବୋଧକୁ ହୃଦୟଙ୍ଗମ କରାଇବା ଦ୍ୱାରା ଶତକଡ଼ା ୯୦ ଭାଗ ଅଭିଯୋଗ - ପ୍ରତିଅଭିଯୋଗର ସମାଧାନ ହୋଇଯାଇଥାଏ। ମୁଁ ଜଣେ ପରାମର୍ଶଦାତ୍ରୀ ହିସାବରେ ମୋ ପାଖକୁ ଆସୁଥିବା ଲୋକମାନଙ୍କୁ କେବେ ଭାବେନି ଲୋକଟିଏ କୌଣସି ଅଭିଯୋଗ ନେଇ ଆସିଛି। ସେ ଅନୁଭବ କରିବା ଦରକାର ଯେ ମୁଁ ମୋର ସମସ୍ୟାର ସମାଧାନ ପାଇଁ ଠିକ୍ ଜାଗାକୁ ହିଁ ଆସିଛି। ଶେଷରେ ମୁଁ ଏତିକି କହି କହିବି, ହିଂସାପୀଡ଼ିତା ମହିଳାମାନଙ୍କୁ ନିର୍ଭୟରେ ଏଠାକୁ ଆସନ୍ତୁ ଓ ନିଜର ସମସ୍ୟା ଜଣାନ୍ତୁ ଓ ସମାଧାନ ପାଇଁ ସହଯୋଗ କରନ୍ତୁ।

## COUNSELLING








## TOR SIGN AND UPDATE RELEASE






















## STAKEHOLDERS MEETING




















# COMMUNITY OUTREACH PROGRAMME : PUBLIC POLICE INTERFACE




















# VISITORS


N.S.PATEL ARTS COLLEGE,ANAND
DEPARTMENT OF SOCIAL WORK
(MSW PROGRAMME)
STUDY TOUR AT BHUBANESWAR
29th SEPTEMBER TO 13th OCTOBER 2017


ମାଧ୍ୟମ




HILA POLICE STATION
0671-2304737
ମହିଳା ଥାନା


ମାଧ୍ୟମ
MADHYAM CELL
COMMISSIONERATE POLICE, BHUBANESWAR-CUTTACK


ମାଧ୍ୟମ



MAADHYAM
(WOMEN SUPPORT CENTRE)






(WOMEN SUPPORT CENTRE)


# ୧୦ବର୍ଷର ମାଧ୍ୟମ ଅପଡେଟ୍






















ବି.ଦ୍ର. : କରୋନା ସମୟରେ 'ମାଧ୍ୟମ'ର ସପ୍ତମ ଅପଡେଟ୍ ଟି ପ୍ରକାଶିତ ହୋଇପାରିନଥିଲା ।

## HOME VISIT



















# ସମ୍ବାଦପତ୍ରରେ 'ମାଧ୍ୟମ'




## For more information contact

**Maadhyam**

**BHUBANESWAR**
Office of the Deputy Commissioner of Police
Vani Vihar Square, Bhubaneswar
Ph: 0674-2602105, 8249309802 (M)
E-mail:maadhyambbsr@isdbbsr.org

**CUTTACK**
Mahila Police Station
Buxibazar, Cuttack
Ph: 9337371971
E-mail:maadhyamctc@isdbbsr.org

*Institute for Social Development*
Plot No.-95 Phase-II, Kanan Vihar
P.O.-Patia, Bhubaneswar-751031, Odisha, India
Ph: + 91-674-2726756, Mob. : 9437018141
E-mail: isd_bbsr@rediffmail.com, to@isdbbsr.org
Web: www.isdbbsr.org

**Visit us : www.maadhyamwsc.com**